# ଛେଳି ଓ ମେଣ୍ଢା ପାଳନ



ଆମ ରାଜ୍ୟର ଗାଁ ପ୍ରତିଶତ ଲୋକ ଗୃହପାଳିତ  ୭୦ପ୍ରତିଶତ ଲୋକ ବାସ କରନ୍ତି । ସେମାନଙ୍କ ମଧ୍ୟରୁ  ୮୦ଗହଳରେ  -ପଶୁପକ୍ଷୀ ରଖିଅଛନ୍ତି। କୃଷି କ୍ଷେତ୍ରରେ ଯେପରି ସବୁଜ ବିପ୍ଳବ ଆମ ଦେଶକୁ ଖାଦ୍ୟ ଉତ୍ପାଦନରେ ଆତ୍ମ ନିର୍ଭରଶୀଳ କରାଇପାରିଛି, ସେହିପରି ଦୁଗ୍ଧ ଉତ୍ପାଦନ ବା ଶ୍ୱେତବିପ୍ଳବ ସମଗ୍ର ବିଶ୍ୱରେ ଆମ ଦେଶକୁ ପ୍ରଥମ ସ୍ଥାନରେ ପହଞ୍ଚାଇବା ସହିତ ସ୍ୱାବଲମ୍ବନଶୀଳ କରାଇବାରେ ସକ୍ଷମ ହୋଇପାରିଛି । ଏଥିପୂର୍ବରୁ ଆମେରିକା ଦୁଗ୍ଧ ଉତ୍ପାଦନରେ ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି । ଆମ ରାଜ୍ୟ ବା ଦେଶର ମାଂସ ଉତ୍ପାଦନ ବଢ଼ାଇବା ପାଇଁ ପିଙ୍ଗଳ ବିପ୍ଳବର ଆବଶ୍ୟକତା ଅନୁଭବ କରାଯାଉଅଛି । କାରଣ ଆମ ଦେଶରେ ୧୪୦ନିୟୁତ ଛେଳି ୫., ୭୧ନିୟୁତ ମେଣ୍ଢା  ୫. ) ଅଛନ୍ତି । ସେମାନଙ୍କ ଠାରୁ ବାର୍ଷିକ ହାରାହାରି୮୪୪୩୭+୦ହଜାର ମେଟ୍ରିକ୍ ଟନ୍ ମାଂସ ମିଳିଥାଏ ।  (୧୪:୧୨ = ଏହାଛଡ଼ା ଆମ ଦେଶର କେତେକ ଲୋକ ଘୁଷୁରି, କୁକୁଡ଼ା ପ୍ରଭୃତି ପଶୁପକ୍ଷୀମାନଙ୍କର ମାଂସ ଖାଇଥାଆନ୍ତି । ବିଶେଷଜ୍ଞମାନଙ୍କ ମତରେ ପ୍ରତ୍ୟେକ ଭାରତୀୟ ବର୍ଷକୁ ୩.କି ୨.ଗ୍ରାମାଂସ ଖାଇବା ଦରକାର । କିନ୍ତୁ ପ୍ରତ୍ୟେକ ଭାରତୀୟ  . .୫ବର୍ଷକୁ ହାରାହାରି ୨ କିମା .ଗ୍ରା.ଂସ ପାଇଥାନ୍ତି । ସେଥିପାଇଁ ଆମକୁ ଦରକାର ମୁତାବକ ମାଂସ ପାଇବାକୁ ହେଲେ ଆମ ଦେଶର ତଥା ରାଜ୍ୟରେ ଥିବା ଛେଳି ଓ ମେଣ୍ଢମାନଙ୍କର ଗୁଣାତ୍ମକ ଅଭିବୃଦ୍ଧ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଖାଦ୍ୟ ପରିଚାଳନା, ରୋଗ ନିରାକରଣ, ସଂଖ୍ୟା ବୃଦ୍ଧି ଓ ବିକ୍ରି ପାଇଁ ବ୍ୟବସ୍ଥା କରିବାକୁ ପଡ଼ିବ ।

## ଉନ୍ନତ ଛେଳି ଓ ମେଣ୍ଢା କିସମ

ଭୌଗୋଳିକ ଅବସ୍ଥିତି ଓ ଜଳବାୟୁର ତାରତମ୍ୟକୁ ନେଇ ଆମ ଦେଶରେ ଏକୋଇଶ କିସମର ଛେଳି ଓ ଚାଳିଶ କିସମର ମେଣ୍ଢା ଦେଖାଯାଆନ୍ତି । ସେମାନଙ୍କ ମଧ୍ୟରୁ କେତେକ ଜାତୀୟ ଛେଳି ଦୁଗ୍ଧ ପାଇଁ, କେତେକ ମାଂସ ପାଇଁ ଓ ଆଉ କେତେକ ଉଭୟ ପାଇଁ ପାଳନ କରାଯାଆନ୍ତି । ସେହିପରି ମେଣ୍ଢାମାନଙ୍କ ମଧ୍ୟରେ କେତେକ ଜାତୀୟ ମେଣ୍ଢା, ପଶମ ପାଇଁ, କେତେକ ମାଂସ ପାଇଁ ଓ ଆଉ କେତେକ ଉଭୟ ପାଇଁ ପାଳନ କରାଯାଆନ୍ତି । ଆମ ରାଜ୍ୟ ଓଡ଼ିଶାରେ ମୁଖ୍ୟତଃ ଦୁଇ କିସମର ଛେଳି ଦେଖାଯାନ୍ତି । ଯଥା – ବ୍ଲାକ୍ ବେଙ୍ଗଲ ଓ ଗଞ୍ଜାମ । ସେହିପରି ଓଡ଼ିଶାରେ ମଧ୍ୟ ଦୁଇ କିସମର ମେଣ୍ଢା ଦେଖାଯାନ୍ତି । ଯଥା – ବଲାଙ୍ଗୀର ଓ ଗଞ୍ଜାମ । ଏମାନେ ମୁଖ୍ୟତଃ ମାଂସ ନିମନ୍ତେ ପ୍ରସିଦ୍ଧ ।

**ବ୍ଲାକ୍ ବେଙ୍ଗଲ ଛେଳି :** ସାଧାରଣତଃ କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲାରେ ଦେଖାଯାନ୍ତି । ବ୍ଲାକ୍ ବେଙ୍ଗଲ ଛେଳି ତାହାର ଛୁଆ ଜନ୍ମ କରିବାର କ୍ଷମତା ଓ ସୁସ୍ୱାଦୁ ମାଂସ ପାଇଁ ବିଶ୍ୱ ପ୍ରସିଦ୍ଧ । ଏମାନେ ଆକାରରେ ଛୋଟ । ରଙ୍ଗ ସାଧାରଣତଃ କଳା । କିନ୍ତୁ ଧଳା ଓ କସରା ରଙ୍ଗର ଛେଳି ମଧ୍ୟ ବହୁଳ ଭାବରେ ଉପଲବ୍ଧ । ବୟସ୍କ ଛେଳିର ଦାଢ଼ିଥାଏ । ଶିଙ୍ଗ ଛୋଟ ଓ ଉପରକୁ ଉଠିଥାଏ । କାନ ଗୁଡ଼ିକ ଛୋଟ । ବୟସ୍କ ଛେଳିର ଓଜନ ହାରାହାରି ୧୫ ରୁ ୧୬ କିହୁଏ ଓ ମାଈ .ଗ୍ରା., ଛେଳି ଥରକେ ୨ ରୁ ୩ଟି ଛୁଆ ପ୍ରସବ କରିଥାଏ।

**ଗଞ୍ଜାମ ଛେଳି :** ମୁଖ୍ୟତଃ ଓଡ଼ିଶାର ଦକ୍ଷିଣ ଭାଗରେ ଯଥା ଗଞ୍ଜାମ :, ଗଜପତି, ନୟାଗଡ଼ ଓ ଫୁଲବାଣୀ ଆଦି ଜିଲ୍ଲାରେ ଦେଖାଯାଏ । କୋରାପୁଟରେ କେତେକ ସ୍ଥାନରେ ଏହି ଜାତୀୟ ଛେଳି ମଧ୍ୟ ଦେଖାଯାଏ । ଏହି ଜାତୀୟ ଛେଳିର ଶିଙ୍ଗ ଲମ୍ବା ଓ ଉପରକୁ ଉଠିଥାଏ । ମାଈ, ଛେଳି ଥରକେ ଗୋଟିଏ ଛୁଆ ଜନ୍ମ କରେ ଓ ବୟସ୍କ ଛେଳିର ଓଜନ ୧୮ ରୁ ୨୨ କି .ଗ୍ରା. ହୋଇଥାଏ।

**ବଲାଙ୍ଗୀର ମେଣ୍ଢା :** ମୁଖ୍ୟତଃ ଓଡ଼ିଶାର ବଲାଙ୍ଗୀର, ସମ୍ବଲପୁର ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ଦେଖାଯାଏ । ଏହି ଜାତୀୟ ମେଣ୍ଢା ଆକାରରେ ମଧ୍ୟମ, ରଙ୍ଗ ସାଧାରଣତଃ ଧଳା । କିନ୍ତୁ କସର ତଥା ମିଶ୍ରିତ ରଙ୍ଗର ମେଣ୍ଢା ମଧ୍ୟ ଉପଲବ୍ଧ । କାନଗୁଡ଼ିକ ଛୋଟ । ଅଣ୍ଡିରା ମେଣ୍ଢାଙ୍କର ଶିଙ୍ଗ ଥାଏ ମାତ୍ର ମାଈ ମେଣ୍ଢାଙ୍କର ଶିଙ୍ଗ ନଥାଏ ।ଗୋଡ଼ ଓ ପେଟରେ ଲୋମ ନଥାଏ । ବୟସ୍କ ଅଣ୍ଡିରା ମେଣ୍ଢାଙ୍କର ଓଜନ ୨୦ ରୁ ୨୩ କି l .ଗ୍ରା.କି ୧୮ରୁ ୧୫ଓ ମାଈ ମେଣ୍ଢାଙ୍କର ଓଜନ .ଗ୍ରା.

**ଗଞ୍ଜାମ ମେଣ୍ଢା :** ମୁଖ୍ୟତଃ ଓଡ଼ିଶାର କୋରାପୁଟ, ଗଞ୍ଜାମ, ଫୁଲବାଣୀ ତଥା ପୁରୀ ଆଜି ଜିଲ୍ଲାରେ ଦେଖାଯାଏ । ଏହି ଜାତୀୟ ମେଣ୍ଢା ଆକାରରେ ମଧ୍ୟମ । ରଙ୍ଗ ସାଧାରଣତଃ କସର । ଅଣ୍ଡିରା ମେଣ୍ଢାଙ୍କର ଶିଙ୍ଗ ଥାଏ। ମାତ୍ର ମାଈ ମେଣ୍ଢାଙ୍କର ଶିଙ୍ଗ ନଥାଏ । ବୟସ୍କ ମେଣ୍ଢାର ଓଜନ ୨୦ ରୁ ୨୪ କି lଗ୍ରା. ହୋଇଥାଏ .

## ଛେଳି ଓ ମେଣ୍ଢାମାନଙ୍କର ପ୍ରଜନନ

ପ୍ରତି ୧୦ଟି ମାଈ, ଛେଳି ପାଇଁ ଗୋଟିଏ ବୋଦା ଓ ୧୦ ଟି ମେଣ୍ଢା ପାଇଁ ଗୋଟିଏ ଗାରଡ଼ ରଖିବା ଦରକାର । ନଚେତ୍ ଛେଳି ବା ମେଣ୍ଢା, ପଲରେ ଗର୍ଭଣି ସଂଖ୍ୟା ନିଶ୍ଚିତ ଭାବେ କମିଯିବ । ସାଧାରଣତଃ ମାଈ, ଛେଳି ବା ମାଈ ମେଣ୍ଢା ମେଜୁନ୍ - l ବର୍ଷରେ ଦୁଇଥର ଗରମ ଆସିଥାନ୍ତି ୧ମାସରେ ଗରମ ଆସନ୍ତି । ପୁଣି ନଭେମ୍ବର ଡିସେମ୍ବରରେ ଗରମ ଆସନ୍ତି । ଏଭଳି ଘଣ୍ଟା । ଯଦି ଗର୍ଭ ନ ରହେ । ତା ହେଲେ ମାଈ ୪୮ରୁ ୨୪ ଗରମ ରହିବା ସମୟ, ଛେଳି ୨୧ ଦିନ ପରେ ପୁଣି ଗରମ ହୁଏ ଓ ମେଣ୍ଢା ୧୮ ଦିନ ପରେ ଗରମ ହୁଏ । ଗର୍ଭାବସ୍ଥା ୧୪୫ ଦିନରୁ ୧୫୩ ଦିନ ଅଟେ । ହାରାହାରି ଗୋଟିଏ ମାଈ, ଛେଳି ବା ମେଣ୍ଢା ଯଦି ୧୪ ରୁ ୧୮ କିଲୋ ଓଜନର ହୋଇଯାଏ, ତାର ବୟସ ଯେତେ ହୋଇଥାଉନା କାହିଁକି ସେ ପ୍ରଜନନକ୍ଷମ ହୋଇଥାଏ । ତେଣୁ ମାଈ ଛୁଆକୁ ଠିକ୍ ଭାବେ ଖାଦ୍ୟ ଦେଲେ ତାହା ଜଲ୍‌ଦି ପ୍ରଜନନ କ୍ଷମ ହୋଇଯାଏ । ମାଈଛେଳି ବା ମେଣ୍ଢା ହାରାହାରି ୨ ବର୍ଷରେ ୩ ଥର ଛୁଆ ପ୍ରସବ କରେ । ଅନ୍ୟ ଭାଷାରେ କହିବାକୁ ଗଲେ, ମାଈ, ଛେଳି ବା ମେଣ୍ଢା ୨ ବର୍ଷ ବୟସର ହୋଇଥିବାବେଳେ, ପ୍ରଥମେ ଛୁଆ ଜନ୍ମ କରେ । ଅଣ୍ଡିରା ଛେଳିକୁ ବା ଗାରଡ଼କୁ ୨ ରୁ ୨ ୧ବର୍ଷ ବୟସ ୨/ ତେଣୁ ମାଈ l ବର୍ଷ ୧୨ପରେ ସଙ୍ଗମ କରିବାକୁ ଛାଡ଼ିବା ଉଚିତ୍ । ଗୋଟିଏ ଛେଳିର ବା ମେଣ୍ଢାର ହାରାହାରି ଜୀବନ , ଛେଳିକୁ ବା ମେଣ୍ଢାକୁ ୭ ବର୍ଷ ବୟସ ଓ ଅଣ୍ଡିରାକୁ ୮ବର୍ଷ ବୟସ ପରେ ବିକ୍ରି କରିଦେବା ଉଚିତ୍ । ୧୦-

**ଗରମ ଆସିବା ଲକ୍ଷଣ :**

ଗରମ ହେଲେ ମାଈ, ଛେଳି ବା ମେଣ୍ଢା କିଛି ଖାଏ ନାହିଁ । ଲାଞ୍ଜ ବାରମ୍ବାର ହଲାଏ । କ୍ଷୀର ଦେବା ହଠାତ୍ ବନ୍ଦ କରିଦିଏ । ଗର୍ଭଦ୍ୱାର ଲାଲ ହୋଇଯାଏ ଓ ଫୁଲିଯାଏ । ଅନ୍ୟ ଛେଳି ବା ମେଣ୍ଢାମାନଙ୍କ ଉପରେ ଚଢ଼େ । କୃତ୍ରିମ ଉପାୟରେ ଛେଳି ବା ମେଣ୍ଢାକୁ ଗରମ ଆଣିବା ପାଇଁ ଛେଳି ବା ମେଣ୍ଢା ଗୃହରେ ପ୍ରତି ୪ ବର୍ଗମିଟର ତଳପାଇଁ, ୨ ମାସ ପାଇଁ ଦିନରାତି । ୨୪ ଗଣ୍ଟା ଗୋଟିଏ ୧୨୦ ସେ .ମି.ସେ ୨୫୦ୱାଟର ବାର୍ଲାଇଟ୍ ଜଳାଇ ରଖନ୍ତୁ । ଏହି ବାର୍ଲାଇଟ୍ଟି ତଳଠାରୁ ୪୦ବିଶିଷ୍ଟ .ମି. ମାସ ପରେ ଦିନସାରା ଛେଳି ବା ୨ଉପରେ ଲାଗିବା ଆବଶ୍ୟକ । ଏହି ମେଣ୍ଢାକୁ ଯଦି ସୂର୍ଯ୍ୟକିରଣ ବାଜେ, ତାହା ହେଲେ ଏଭଳି ୩୫ ଦିନ ପରେ ଛେଳି ବା ମେଣ୍ଢା ଆପେ ଆପେ ଗରମ ଆସିଯାଏ । ଏହି ଗରମ ଅବସ୍ଥା ୮ଘଣ୍ଟା ରହେ । ୧୦-

**ଖାସି ଛେଳି ବା ମେଣ୍ଢା :**

ଅଣ୍ଡିରା ଛେଳିଛୁଆକୁ ବା ମେଣ୍ଢା ଛୁଆକୁ ୧ ରୁ ୨ ମାସ ବୟସରେ ଖାସି କରିଦେଲେ ଭଲ । ଏଥିପାଇଁ ବୁର୍ଡିଜୋ କାଷ୍ଟ୍ରାଟାର ନାମରେ ଗୋଟିଏ ଯନ୍ତ୍ର ପଶୁ ଡାକ୍ତରଖାନାରେ ରହିଥାଏ । ପଶୁ ଡାକ୍ତର କିମ୍ବା ତାଲିମ୍ ପ୍ରାପ୍ତ ବ୍ୟକ୍ତିଙ୍କ ସହାୟତାରେ ଖାସି କରନ୍ତୁ ।

**ଖାସି କରିବା ଦ୍ୱାରା -**

ଛେଳି ବା ମେଣ୍ଢାଟି ଶାନ୍ତ ସ୍ୱଭାବର ହୁଏ ।

ମାଂସ ଅଧିକ ସୁସ୍ୱାଦୁ ହୋଇଥାଏ ।

ଦେହର ଓଜନ ଅତି ଶୀଘ୍ର ବଢ଼ିଥାଏ ।

ମାଂସ ଓ ଚମଡ଼ାର ଗୁଣାତ୍ମକ ଅଭିବୃଦ୍ଧି ଘଟିଥାଏ ।

ଖାସିର ଦାମ ସାଧାରଣ ଛେଳି ବା ମେଣ୍ଢାଠାରୁ ଢେର ଅଧିକ ।

ପ୍ରଜନନ ପରିଚାଳନାରେ ବିଘ୍ନ ହୁଏ ନାହିଁ । ଅର୍ଥାତ୍ କେବଳ ବାଞ୍ଛିତ ବୋଦାର ବ୍ୟବହାର ହୁଏ ।

## ଛେଳି ଓ ମେଣ୍ଢାମାନଙ୍କ ପାଇଁ ବାସଗୃହ



ଛେଳି ଓ ମେଣ୍ଢାମାନେ ସାଧାରଣତଃ ମୁକ୍ତ ବାୟୁରେ ବୁଲିବା ଜନ୍ତୁ । ତା ଛଡ଼ା ସେମାନେ ସାମାନ୍ୟ ଓଦା ହେବାକୁ ଭଲ ପାଆନ୍ତି ନାହିଁ । ସେଥିପାଇଁ ପକ୍କା, ଶୁଖିଲା ଚଟାଣ ଥିବା ଖୋଲା ଘର ଛେଳି ବା ମେଣ୍ଢାମାନଙ୍କ ପାଇଁ ଭଲ । ବଣ୍ୟଜନ୍ତୁ ଓ ଚୋରମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ଗୁହାଳ ଚାରିପଟେ ଉଚ୍ଚା ଓ ମଜବୁତ୍ ବାଡ଼ ବା ପାଚେରୀ କରିବା ଦରକାର । ଛାତଟି ଚାଳ ହେଲେ ଅଳ୍ପ ଖର୍ଚ୍ଚ ହେବ । ଗୋଟିଏ ଗୁହାଳରେ ସର୍ବାଧିକ ସମବୟସର ୩୦ ଟି୩୫-ଛେଳି ବା ମେଣ୍ଢା ରଖାଯାଇପାରେ । ପ୍ରତ୍ୟେକ ଗୁହାଳରେ ଘାସପତ୍ର ଦେବାପାଇଁ ଗୋଟିଏ କାଠକୁଣ୍ଡ ବା ଡାଳପତ୍ରକୁ ଝୁଲାଇ ଖାଇବାକୁ ଦେବାର ବନ୍ଦୋବସ୍ତ କରିବା ଉଚିତ୍ । ଗୁହାଳର ଗୋଟିଏ କୋଣରେ ପିଇବା ପାଣିକୁଣ୍ଡ ଓ ଅନ୍ୟ କୋଣରେ ଖଣିଜ ଲବଣ ଚୂର୍ଣ୍ଣ ପାଇଁ ଆଉ ଗୋଟିଏ କୁଣ୍ଡ ରଖାଯାଏ । ହଳେ ବୟସ୍କ ଛେଳି ବା ମେଣ୍ଢା ପାଇଁ ୫ ଫୁଟ ଲମ୍ବ ଓ ୨ ୧ସାର ଫୁଟ ଓ ୨/ ଫୁଟ ଓସାର ଘରଟିଏ ତିଆରି ୧୨ଫୁଟ ଲମ୍ବ ୧୨ଫୁଟ ହେଲେ ଯଥେଷ୍ଟ । ତେବେ ୬ଜାଗା ଦରକାର । ଘରର ଉଚ୍ଚତା ଟି ଛେଳି ବା ମେଣ୍ଢା ରଖିପାରିବା । ଘରର ଚଟାଣଟି ପକ୍କା ଓ ଗଡ଼ାଣିଆ ହେଲେ ଘରଟି ଶୁଖିଲା ୧୧କରିଦେଲେ ଖୁସିରେ ରହିବ । ତେବେ ଘର ଭିତରକୁ ପ୍ରଚୁର ପବନ ଓ ଖରା ଯାଉଥିବା ଦରକ଼ାର । ନ ହେଲେ ଛେଳି ବା ମେଣ୍ଢାଙ୍କୁ ରୋଗ ଧରିବ । ଆଉ ମଧ ଅଣ୍ଡିରା ଛେଳି ବା ଗାରଡ଼କୁ କ୍ଷୀର ଦେଉଥିବା ମାଈ, ଛେଳି ବା ମେଣ୍ଢା ଠାରୁ ଅଲଗା ରଖିବା ଦରକାର ।

ଏକାଧିକ ଅଣ୍ଡିରା ଛେଳି ବା ଗାରଡ଼ ଅଲେ ସମସ୍ତଙ୍କୁ ଏକାସାଙ୍ଗେ ମିଶାଇ ରଖନ୍ତୁ ନାହିଁ । କାରଣ ରାତିରେ ପରସ୍ପର ମଧ୍ୟରେ ଲଢ଼େଇ କରି ଖଣ୍ଡିଆ ଖାବରା ହେବାର ସମ୍ଭାବନା ଅଧିକ । ତେଣୁ ପ୍ରତ୍ୟେକ ଅଣ୍ଡିରା ଛେଳିକୁ ବା ଗାରଡ଼କୁ ଅଲଗା ଅଲଗା ଛୋଟ ଘର କରି ରଖନ୍ତୁ ।

**ଗୋଟିଏ ଫଳରେ ଏକାଧିକ ଛୁଆ**

ଯଦି ଛେଳି ବା ମେଣ୍ଢାକୁ ପ୍ରଚୁର ପରିମାଣରେ ଭଲ ଗୁଣ ଅବା ଘାସ ବା ତନ୍ତୁଜାତୀୟ ଖାଦ୍ୟ ଖାଇବାକୁ ମିଳେ ତାହେଲେ ଗୋଟିଏ ଫଳରେ ଏକାଧିକ ଛୁଆ ପ୍ରସବ କରିବା ସମ୍ଭାବନା ଅଧିକ ଥାଏ । ପୁଣି ସଙ୍ଗମ ସମୟ ପୂର୍ବରୁ ଯଦି ଭଲ ଗୁଣର ଦାନା ଖାଇବାକୁ ମିଳେ, ତେବେ ମଧ୍ୟ ଏକାଧିକ ଛୁଆ ଜନ୍ମ ହୋଇଥାନ୍ତି । ଗୋଟିଏ ମାଈ, ଛେଳି ବା ମେଣ୍ଢା ୬ ବର୍ଷ ବୟସ ପର୍ଯ୍ୟନ୍ତ ଏକ ଫଳକେ ଏକାଧିକ ଛୁଆ ଦିଏ । ତା ପରେ କେତେ ଭଲଭାବେ ଲାଳନ ପାଳନ କଲେ ମଧ୍ୟ ଆସ୍ତେ ଆସ୍ତେ ତାର ଛୁଆ ଦେବା କ୍ଷମତା କମିଯାଏ ।

ଯେଉଁ ଛୁଆଗୁଡ଼ିକ ଶରତ ରତୁରେ ଜନ୍ମ ନିଅନ୍ତି ସେମାନେ ବହୁତ ଓଜନିଆ ହୋଇଥାନ୍ତି ଓ ଜଲଦି ବଢ଼ନ୍ତି । ସେମାନଙ୍କ ମୃତ୍ୟୁହାର କମ୍ ଥାଏ । ତେଣୁ ସମସ୍ତ ଛେଳି ବା ମେଣ୍ଢାକୁ ଆମେ ମେକୁନ୍ ଭିତରେ ସଙ୍ଗମ କରାଇବାକୁ ଚେଷ୍ଟା କରିବା - ଉଚିତ୍ ।

## ଛେଳି ଓ ମେଣ୍ଢାମାନଙ୍କର ଖାଦ୍ୟ



ଯଦି ଛେଳି ବା ମେଣ୍ଢାକୁ ସବୁଜିମା ପରିପୂର୍ଣ୍ଣ ଖୋଲା ପଡ଼ିଆ କିମ୍ବା ବଣରେ ଦୈନିକ ଚରାଇବାକୁ ନେଉଛନ୍ତି, ତେବେ ତାକୁ ଆଉ ଅଧିକା ଖାଦ୍ୟ ଦେବା ଦରକାର ନାହିଁ । ଯଦି ଛେଳି ବା ମେଣ୍ଢାଟି ଗର୍ଭାବସ୍ଥାରେ ଅଛି କିମ୍ବା କ୍ଷୀର ଦେବା ଅବସ୍ଥାରେ ଅଛି ଦାନାଜାତୀୟ ଖାଦ୍ୟ ଅଧିକା ଦେବା ଆବଶ୍ୟକ । ପୁଣି ଘାସ, ତାଳପତ୍ର ଅଭାବ ସମୟରେ ମଧ୍ୟ ଦାନା ଦେବା ଆବଶ୍ୟକ ।

ଛେଳି ଛୁଆ ବା ମେଣ୍ଢା ଛୁଆ ତା ପ୍ରଥମ ୩ ମାସ ବୟସରେ ସମୁଦାୟ ପ୍ରାୟ ୮-କିଲୋ ଦାନା ଖାଇଥାଏ । ମେ ୧୦-ଜୁନ୍ ମାସର ଏକ ମାସ ପୂର୍ବରୁ ଅର୍ଥାତ୍ ଏପ୍ରିଲ ମାସରେ ଦୈନିକ ୩୦୦ ରୁ ୫୦୦ ଗ୍ରାମ୍ ଦାନା ପ୍ରତି ବୟସ୍କ ଛେଳି ବା ମେଣ୍ଢାକୁ ଦିଅନ୍ତୁ । ଏହା ଗର୍ଭାବସ୍ଥା ଓ ଛୁଆ ଜନ୍ମ ପର୍ଯ୍ୟନ୍ତ ଜାରି ରଖନ୍ତୁ । ଛୁଆ ଜନ୍ମ ପରେ ପ୍ରତି କିଲୋ, କ୍ଷୀର ପାଇଁ ୪୦୦ ଗ୍ରାମ୍ ଦାନା ଦିଅନ୍ତୁ । ଏହି ଦାନା ଜାତୀୟ ଖାଦ୍ୟ ଛଡ଼ା, ତନ୍ତୁ ଜାତୀୟ ଖାଦ୍ୟ ପେଟପୁରା ଖାଇବାକୁ ଦିଅନ୍ତୁ । ମୂଳାପତ୍ର, ଝୁଡ଼ଙ୍ଗପତ୍ର, ଗୁଆର ପତ୍ର, କୋଳଥ ପତ୍ର, ମକା ଗଛ, ଚିନାବାଦାମ ଗଛ, ଘାସ ଓ ଆଖୁ ଗଛର ଉପର ଭାଗ ଇତ୍ୟାଦି ତନ୍ତୁ ଜାତୀୟ ଖାଦ୍ୟ ରୂପେ ବ୍ୟବହାର କରାଯାଇପାରେ । ବର, ସୁବାବୁଲ ବା କେଳିକଦମ୍ବ, ବାବୁଲ, ଅଁଳା, ଗୋଖର, ସୀମାକୟାଁ ବା ବିଲାତ କୟାଁ, ଲିମ୍ବ,

ପିପଳ, ଆମ୍ବ, ପଣସ, କଣ୍ଟେଇକୋଳି, ବରକୋଳି ଇତ୍ୟାଦି ଗଛର ପତ୍ରକୁ ତନ୍ତୁଜାତୀୟ ଖାଦ୍ୟ ରୂପେ ବ୍ୟବହାର କରାଯାଇପାରେ ।
ଏକ ସୁଷମ ଛେଳିଦାନା ବା ମେଣ୍ଢା ଦାନା ମିଶ୍ରଣର (କିଲୋ ୧୦)ନମୂନା ତଳେ ଦିଆଗଲା ।

| | |
|---|---|
| ମକା | ୫ କିଲୋ |
| ଚିନାବାଦାମ ପିଡ଼ିଆ | ୨ କିଲୋ |
| କୁଣ୍ଡା | ୨ କିଲୋ |
| ଗୁଡ | ୭୦୦ ଗ୍ରାମ୍ |
| ଖଣିଜ ଲବଣ ମିଶ୍ରଣ | ୨୦୦ ଗ୍ରାମ୍ |
| ଲୁଣ | ୧୦୦ ଗ୍ରାମ୍ |

**ଛେଳି ଛୁଆ ବା ମେଣ୍ଢା ଛୁଆର ଯତ୍ନ**
ମାଈ, ଛେଳି ବା ମେଣ୍ଢା ଗର୍ଭ ହେବାର ୫ ମାସ ପରେ ଛୁଆ ଜନ୍ମ କରିଥାଏ । ଛେଳି ଛୁଆ ବା ମେଣ୍ଢା ଛୁଆଟି ୩ ମାସ ବୟସ ପର୍ଯ୍ୟନ୍ତ ମାଆ ଠାରୁ କ୍ଷୀର ପିଇଥାଏ । ଛୁଆ କ୍ଷୀର ଖାଇବା ବନ୍ଦ କଲେ ମାଆ ପୁଣି ଥରେ ଗରମ ଆସେ । ତେଣୁ ୩ ମାସ ବୟସ ପରେ ଛେଳିଛୁଆ ବା ମେଣ୍ଢାଛୁଆ ଓ ମାଆକୁ ଅଲଗା ରଖିବା ଆବଶ୍ୟକ।
ଛେଳିଛୁଆ ବା ମେଣ୍ଢାଛୁଆ ଜନ୍ମ ପରେ ପରେ ନିଜେ ଠିଆ ହୋଇ ମାଆ କ୍ଷୀର ଖାଇବାକୁ ପ୍ରୟାସ କରିଥାଏ । ଯଦି ଛେଳିଟି ଥରକରେ ଏକାଧିକ ଛୁଆ ପ୍ରସବ କରିଥାଏ, ତେବେ ଦୁର୍ବଳ ଛୁଆଟିକୁ ହାତରେ ଧରି ଚିର ମୁହଁକୁ ନେଇ କ୍ଷୀର ଖୁଆଇବାକୁ ପଡ଼ିଥାଏ । ଛୁଆ ଜନ୍ମ ପରେ ମା ଛେଳି ବା ମେଣ୍ଢା ଠାରୁ ଯେଉଁ କ୍ଷୀର ବାହାରେ ତାକୁ କଷକ୍ଷୀର ବା ପୋଟିକ୍ଷୀର କହିଥାଉ । ଏହି କ୍ଷୀର ଛୁଆକୁ ପିଇବାକୁ ଦିଅନ୍ତୁ । ଏଥିରେ ରୋଗ ପ୍ରତିରୋଧକ ଶକ୍ତି ଥାଏ । ଯେଉଁ ଛୁଆର ମାଆ ମରିଯାଇଥାଏ। ସେଇ ଛୁଆକୁ ଅନ୍ୟ ଛେଳି ବା ମେଣ୍ଢା ଠାରୁ କ୍ଷୀର ପିଇବାକୁ ଦିଅନ୍ତୁ।
ସାଧାରଣତଃ ଅଣ୍ଡିରା ଛୁଆ ମାଈ ଛୁଆ ଠାରୁ ଅଧିକ ଓଜନିଆ ହୋଇଥାଏ । ଛୁଆଙ୍କ ପାଇଁ ଖୋଲା ପବନ ଓ ସୂର୍ଯ୍ୟକିରଣ ଅତି ଆବଶ୍ୟକ । ତେଣୁ ଖରାଦିନେ ଗଛଛାଇ ତଳେ ଓ ଶୀତଦିନେ ଯେ କୌଣସି ଖୋଲା ସ୍ଥାନରେ ଛୁଆଙ୍କୁ ରଖିବା ଦରକାର । ଚାରିମାସ ବୟସରେ ପ୍ରତି ଛୁଆକୁ ଦୈନିକ ହାରାହାରି ୬୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ ।

ଓଡ଼ିଶା କୃଷି

## ସରକାରୀ ଯୋଜନା

ଛେଳି ମାଂସର ବଜାର ଚାହିଦା ଓ ଛେଳିପାଳନରୁ ଯଥେଷ୍ଟ ଲାଭ ହେବାର ସମ୍ଭାବନା ଥିବାରୁ ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ ଏବଂ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ସରକାରଙ୍କ ବିଭିନ୍ନ ଲାଭକାରୀ ଯୋଜନାରେ ଛେଳିମାନଙ୍କୁ ଗୁରୁତ୍ୱ ଦିଆଯାଉଛି । ଛେଳି ପାଳନରୁ ଅଧିକ ଲାଭ ମିଳୁଥିବାରୁ ନାବାର୍ଡ଼ ଏବଂ ଅନ୍ୟ ଜାତୀୟ ସ୍ତରର ବ୍ୟାଙ୍କମାନେ ଛେଳି, ଫାର୍ମ ଆରମ୍ଭ କରିବା ପାଇଁ ପରିଯୋଜନାର ମୂଲ୍ୟାଙ୍କନ କରି ନିୟମାନୁଯାୟୀ ଋଣ ଯୋଗାଇ ଦେଉଛନ୍ତି ।

ବୀମା କମ୍ପାନୀମାନେ ବୀମା ଦ୍ୱାରା ଛେଳିର ମୃତ୍ୟୁ ହେଲେ ଆବଶ୍ୟକୀୟ କ୍ଷତିପୂରଣ ମଧ୍ୟ ଦେଉଛନ୍ତି । ତେଣୁ ନିକଟସ୍ଥ ବ୍ୟାଙ୍କ ଓ ବୀମା କମ୍ପାନୀମାନଙ୍କ ସହିତ ଯୋଗାଯୋଗ କଲେ ଅଧିକ ସୂଚନା ମିଳିପାରିବ।

## ଛେଳିପାଳନର ଆର୍ଥିକ ଦିଗ

ଜଣେ ଲୋକ ସାଧାରଣତଃ ୫୦ଟି ଛେଳି ଚରାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବନାହିଁ । ତେଣୁ ଶ୍ରମର ସଦ୍‌ଉପଯୋଗ କରିବାକୁ ହେଲେ ୫୦ଟି ବା ତାର ଗୁଣିତକ ହିସାବରେ ଛେଳି ପାଳନ କରାଯାଇପାରେ । ବେଙ୍ଗଲ ଜାତୀୟ ଛେଳି ପ୍ରତି ୮ ମାସ ଅନ୍ତରରେ ଥରେ ଓ ଥରକୁ ହାରାହାରି ୨ଟି ଲେଖାଏଁ ଛୁଆ ଦେଇଥାନ୍ତି । ସମୟେ ସମୟେ ୩ ରୁ ୪ ଟି ଛୁଆ ଜନ୍ମ ହେବାର ମଧ୍ୟ ଦେଖାଯାଏ । ସେହିପରି ଗଞ୍ଜାମ ଛେଳି ୧୧ ମାସରେ ଥରେ ଓ ଥରକୁ ହାରାହାରି ଗୋଟିଏ ଛୁଆ ଜନ୍ମ କରିଥାନ୍ତି । ତେଣୁ ବେଙ୍ଗଲ ଜାତୀୟ ଛେଳି ୨ ବର୍ଷରେ ୬ଟି ଛୁଆ ଦେଉଥିଲା ବେଳେ ଗଞ୍ଜାମ ଛେଳି ୨ ବର୍ଷରେ ୨ ଟି ଛୁଆ ଦେଇଥାନ୍ତି । କିନ୍ତୁ ଛେଳି ଛୁଆର ବିକ୍ରି ବୟସ ୧୨ ମାସ ଧରାଗଲେ ଏହି ସମୟ ବେଳକୁ ବେଙ୍ଗଲ ଜାତୀୟ ଛେଳିର ଓଜନ ୧୦ ରୁ ୧୨ କିହୋଇଥାଏ । ଛେଳିଛୁଆର .ଗ୍ରା.କି ୨୦ରୁ ୧୮ହୋଇଥିଲା ବେଳେ ଗଞ୍ଜାମ ଛେଳିର ଓଜନ .ଗ୍ରା. ଜନ୍ମ ବେଳର ଓଜନ କମଥିବାରୁ ଏବଂ ମା ଛେଳି ଦୁଗ୍ଧ କମ୍ ହେଉଥିବାରୁ ମୃତ୍ୟୁ ହାର ଟିକେ ଅଧିକ ହୁଏ । ଏସବୁ ହିସାବକୁ ନେଲେ ଦେଖାଯାଏ। ଗୋଟିଏ ଛେଳିରୁ ବାର୍ଷିକ ଆୟ ହାରାହାରି ୧୦୦୦ ଟଙ୍କା ହୋଇଥାଏ । ଉତ୍ତମ ଚାରଣ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଥିଲେ ଗୋଟିଏ ଛେଳିରୁ ୧୨୦୦ ଟଙ୍କା ଲାଭ ହୋଇଥାଏ କିମ୍ବା ମାସକୁ ଗୋଟିଏ ଛେଳିରୁ ହାରାହାରି ୧୦୦ ଟଙ୍କା ଲାଭ ମିଳିଥାଏ।

ଆମ ରାଜ୍ୟର ଜଳବାୟୁ ପରିବେଶ ଓ ଛେଳି ମାଂସର ଚାହିଦାକୁ ବିଶ୍ଳେଷଣ କଲେ ବ୍ୟବସାୟକି ଭିତ୍ତିରେ ଛେଳି ପାଳନର ଭିତ୍ତିଭୂମି ଅତି ଉନ୍ନତ କହିଲେ ଅତ୍ୟୁକ୍ତି ହେବନାହିଁ । ଆମ ରାଜ୍ୟର ଛେଳ ମାଂସ ସୁସ୍ୱାଦୁ ଏବଂ ଆତ୍ମ ନିଯୁକ୍ତ ପାଇଁ ଗ୍ରାମାଞ୍ଚଳରେ ଛେଳି ଚାଷ ଏକ ନିର୍ଭର ଯୋଗ୍ୟ ପଦକ୍ଷେପ କହିଲେ ଭୁଲ୍ ହେବ ନାହିଁ ।

**ଯୋଗାଯୋଗ –** ଅଧିକ ସୂଚନା ପାଇଁ ଭୁବନେଶ୍ୱର ସ୍ଥିତ ଓଡ଼ିଶା, ପଶୁପାଳନ ଓ ପଶୁବିଜ୍ଞାନ ମହାବିଦ୍ୟାଳୟରେ ଯୋଗଯୋଗ କରିପାରନ୍ତି ।

### ***୫ଟି ମାଈ, ଛେଳି ଓ ଗୋଟିଏ ବୋଦା ପାଳନରୁ ଲାଭକ୍ଷତିର ହିସାବ***

**କ. ଅଣ ପୌନଃପୁନିକ**

| | | |
|---|---|---|
| ୧. | ଗୁହାଳ – ୭୦ ବର୍ଗଫୁଟ (ଟଙ୍କା ପ୍ରତି ବର୍ଗଫୁଟ ୧୦୦) | ୭୦୦୦୦୦. |
| ୨. | ୫ଟି ମାଈ ଛେଳି (ଟଙ୍କା ୧୫୦୦ଗୋଟି ) | ୭୫୦୦୦୦. |
| ୩. | ୧ଟି ବୋଦା | ୪୦୦୦୦୦. |
| ମୋଟ - ୧୮୫୦୦୦୦. | | |

**ଖ. ପୌନଃପୁନିକ**

| | | |
|---|---|---|
| ୧. | ଦାନା (ଦିନ ପାଇଁ ୧୦୦)ପ୍ରତି ଛେଳିକୁ ୧୦୦ ଗ୍ରାମ୍ ଓ ବୋଦାକୁ ୨୦୦ ଗ୍ରାମ୍ ଏବଂ ଦାନା କିପ୍ରତି .ଗ୍ରା. .କି ୭୦) ଟଙ୍କା କରି ୧୫ଗ୍ରା .x ୧୫ ଟଙ୍କା( | ୧୦୫୦୦୦. |
| ୨. | ଚିକିତ୍ସା ଖର୍ଚ୍ଚ (ଟଙ୍କା ହାରରେ ୧୦୦ଗୋଟିକୁ ) | ୬୦୦୦୦. |

| | | |
|---|---|---|
| ୩. | ବୀମା ଖର୍ଚ୍ଚ (ପ୍ରତିଶତ ୫ଛେଳି ଦାମର ) | ୫୭୫୦୦. |
| ମୋଟ - ୨୨୨୫୦୦. | | |

**ଗ. ମୋଟ ମୂଳଧନ ଖର୍ଚ୍ଚ**

| | | |
|---|---|---|
| ୧. | ସ୍ଥାୟୀ ମୂଳଧନ | ୧୮୫୦୦୦୦. |
| ୨. | ପୌନଃପୌନିକ ଖର୍ଚ୍ଚ | ୨୨୨୫୦୦. |
| ମୋଟ - ୨୦୭୨୫୦୦. | | |

ଘ. **ଆଦାୟ .**

| | | |
|---|---|---|
| ୧. | ୭ଟି ଅଣ୍ଡିରା ଛେଳିର ବିକ୍ରି<br>ଗୋଟିକୁ ୧୫୦୦ ଟଙ୍କା ହାରରେ<br>କିଗ୍ରା., ପ୍ରତି ୧୨୦ଟଙ୍କା ହାରରେ ୧୪୦-<br>ଛେଳିର ଓଜନ ୧୨ ୧୪ -କିଲୋଗ୍ରାମ୍ | ୧୦୫୦୦୦୦. |
| ୨. | ୫ଟି ମାଈ ଛେଳିର ବିକ୍ରି ୧୦୦୦ଗୋଟିକୁ )<br>(ଟଙ୍କା | ୫୦୦୦୦୦. |
| ମୋଟ – ୧୫୫୦୦୦୦. | | |
| (ଗୋଠ ବଢ଼ାଇବା ପାଇଁ ଗୋଟିଏ ବା ଦୁଇଟି ମାଈ ଛୁଆକୁ ବିକ୍ରି କରାଯିବ ନାହିଁ( | | |

**ଲାଭ**

| | |
|---|---|
| ଆଦାୟ | ୧୫୫୦୦୦୦. |
| (-) ପୌନଃପୌନିକ ଖର୍ଚ୍ଚ | ୨୨୨୫୦୦. |
| (–) ଗୁହାଳର ମୂଲ୍ୟହାନୀ ଖର୍ଚ୍ଚ (ପ୍ରତିବର୍ଷକୁ ୧୦ ପ୍ରତିଶତ ହାରରେ( | ୭୦୦୦୦. |
| ବାର୍ଷିକ ହାରାହାରି ଲାଭ | ୧୨୫୭୫୦୦. |
| ମାସିକ ହାରହାରି ଲାଭ | ୧୦୪୮୦୦. |

ଲାଭକ୍ଷତିର ହିସାବ ବେଳେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ ।

1. କିଣିବାକୁ ଥିବା ମାଈ, ଛେଳି ଦୁଇ ଦାନ୍ତିଆ ହେବା ଜରୁରୀ ।

**2.** ଛେଳି ଗୁହାଳ ପାଇଁ ୧ଟି ଛେଳି ପ୍ରତି ୧୦ ବର୍ଗଫୁଟ ଓ ବୋଦା ପାଇଁ ୨୦ ବର୍ଗଫୁଟର ଚଟାଣ ଆବଶ୍ୟକ । ଏହି ଉପଯୋଜନାରେ ସ୍ୱଚ୍ଛ ମୂଲ୍ୟଯୁକ୍ତ ଗୁହାଳ ତିଆରି ପରାମର୍ଶ ଦିଆଯାଇଛି । ଏଥିରେ ମାଟି ଓ ବାଲି ( ପି.ପି.) ଅନୁପାତରେ ଚଟାଣ ତିଆରି କରାଯିବ ଏବଂ ଛପର ଚାଳ ବା ଖପର ଦେବା ଦରକାର । ଘରର ଚାରିପଟ ମାଟି ପେଚା ଇଟା କାନ୍ଥ ବା ବାଉଁଶ ବତା ହେଲେ ଭଲ । ଜଙ୍ଗଲରେ ମିଳୁଥିବା ଝାଟି ଦ୍ୱାରା ମଧ୍ୟ ଚାରିପଟେ କାନ୍ଥ କରାଯାଇପାରେ ।

ଓଡିଶା କୃଷି